# Akashvani, Sambalpur

## SAMBALPURI NEWS BULLETIN

### 12 September 2024- 6.47- 6.52 am.

*********************************************

ବୟସ୍କଙ୍କୁ ଆୟୁସ୍ମାନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

୭୦ ବରସ୍‌କି ତାର୍ ନୁ ଅଏତ୍‌କା ବୟସର୍ ବରିଷ୍ଠ ନାଗରିକ୍‌ମାନ୍‌କୁ ଆୟୁସ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା - ଏବିପିଏମ୍ - ଜୟ ର ଲାଭ୍ ମିଲ୍‌ବା । ଇତାର୍‌ସହେତେ ଯେକେନ୍‌ସି ଆୟ ବର୍ଗର୍ ଲୁକେ ଇଥି ୫ ଲାଖ୍ ଟଙ୍କାତକ୍ ମାହାଲିଆ ସ୍ୱାସ୍ଥ୍ୟ ବୀମା ପାଇପାର୍‌ବେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା କେନ୍ଦ୍ର କେବିନେଟ୍‌ର ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇତାର୍‌ଜରିଏ ସାଢ଼େ ୪ କୋଟି ପରିବାର୍‌ର ୬ କୋଟି ବରିଷ୍ଠ ନାଗରିକ୍ ଉପକୃତ ହେବେ । ଲୁକ୍‌କର୍ ସାମାଜିକ ଆଉ ଅର୍ଥନୈତିକ୍ ଥିତି ଯାହାଥିଲେ ଭିଲ୍ ଧାରିଜ୍ ବୟସ୍ ସୀମା ଉତ୍‌ରୁ ଇ ଯୋଜ୍‌ନାର୍ ଲାଭ୍ ମିଲ୍‌ବା ।

ବିଧାନ୍‌ସଭା ଅଧିବେଶନ୍      ଆର୍‌ଏନ୍‌ୟୁ /ସମ୍ବଲପୁର

୧୭ ନମ୍ବର୍ ବିଧାନ୍‌ସଭାର୍ ପହେଲା ଆଉ ବଜେଟ୍ ଅଧିବେଶନ୍ ଗଲାକାଏଲ୍ ସରିଛେ । ଅଧିବେଶନ୍‌ଥି ୨୭ ଟା କାର୍ଯ୍ୟଦିବସ୍ ଲାଗି ଧାରିଜ୍ ହେଇଥିବାର୍ ବେଲେ ୨ ଦିନ୍ ଆଗ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଗୃହକେ ଅନିର୍ଦ୍ଦିଷ୍ଟ ସମିଆ ଲାଗି ମୁଲ୍‌ତବୀ ଘୋଷ୍‌ନା କରିଛନ୍ । ଇ ସମିଆଥି ଦେଶର୍ ସ୍ୱାଧୀନତା ଉତ୍‌ରୁ ସୁରମା ପାଢ଼ୀ ଦ୍ୱିତୀୟ ମହିଲା ଭାବେ ବାଚସ୍ପତି ଆସନ୍ ହାସଲ୍ କରିଛନ୍ । ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ସହେତେ ଗଲା ଜୁଲାଇ ୨୨ ତାରିଖ୍ ଦିନ ବିଧାନ୍‌ସଭାର୍  ବଜେଟ୍ ଅଧିବେଶନ୍ ମୁଲ୍ ହେଇଥିଲା । ବଜେଟ୍ ସମିଆଥି ୧୧ ଟା ବାର୍ଷିକ ରିପୋର୍ଟ ଆଉ ୪୨ ଟା କମିଟି ରିପୋର୍ଟ ଉତ୍‌ଥାପିତ ହେଇଥିଲା । ଇ ସମିଆଥି ଗୃହ ନ ୨୧ ଟା ବିଭାଗ୍‌ର ଖର୍ଚ୍ଚ ଦାବି ଆଲୋଚନା ହେଇଥିବାର୍ ବେଲେ ୬ ଟା ସିଏଜି ରିପୋର୍ଟ ଉପସ୍ଥାପନ୍ କରାଯାଇଥିବାର୍ ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ୨ ଲାଖ୍ ୬୫ ହଜାର୍ କୋଟି ଟଙ୍କାର୍ ବଜେଟ୍ ଉପସ୍ଥାପନ୍ କରିଥିଲେ ।

ନିଯୁକ୍ତି ମେଳା      ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍‌ନ ଆଏଜ୍ ନିଯୁକ୍ତି ମେଳା ହେବା । ନିଯୁକ୍ତି ମେଳାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଭିନ୍ ଭିନ୍ ବିଭାଗ୍‌ଥି ନିଯୁକ୍ତି ଲାଗି ମନୋନୀତ୍ ହେଇଥିବା ୪ ଶହ ୭୬ ଝନ୍ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବାଂଟ୍‌ବେ । ଇଥିର୍‌ଲାଗି ମନୋନୀତ ପ୍ରାର୍ଥୀମାନେ ଆଏଜ୍ ସଖାଲର୍ ୮ ବଜେ ଉପସ୍ଥିତ୍ ରହିକରି ନିଜର୍ ନାଁ ପଞ୍ଜିକୃତ କର୍‌ବାର୍‌କେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବୃଦ୍ଧାଶ୍ରମ-କେନ୍ଦ୍ରମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ଅନୁସୂଚିତ ଜନଜାତି ଆଉ ଜାତି ଉନ୍ନୟନ୍, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ଆର୍ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍‌ର ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ରାଜ୍ୟ ଅତିଥି ଭବନ୍ ଠାନେ ହେଇଯାଇଛେ । ଇଥି କେନ୍ଦ୍ର ସାମାଜିକ୍ ନ୍ୟାୟ ମନ୍ତ୍ରୀ ରାମ୍‌ଦାସ ଅଠାଓ୍ୱଲେ ଅଧ୍ୟକ୍ଷତା କରିଥିଲେ । ବୈଠକ୍‌ଥି ରାଜ୍ୟର୍ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ଲାଗି ସ୍ୱତନ୍ତ୍ର ଅନୁଦାନ୍ ଆଉ ପାଣ୍ଠି

ବାବ୍‌ଦେ ଆଲୋଚନା କରାଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଅନୁଦାନ୍‌ଥି ରାଏଜେ ୮୬ ଟା ବୃଦ୍ଧାଶ୍ରମ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସହାୟତାଥି ୫ ଟା ବୃଦ୍ଧାଶ୍ରମ ଚାଲୁଥିବାର୍ ଜନାପଡ଼ିଛେ । ଗଲା ଆର୍ଥିକ୍ ବଛ୍‌ରେ ୧୬ ଟା ନୂଆଁ ବୃଦ୍ଧାଶ୍ରମ ପ୍ରସ୍ତାବ୍ କେନ୍ଦ୍ର ସର୍‌କାର୍‌ଙ୍କର୍ ଠାନେ ଅନୁମୋଦନ୍ ଲାଗି ପହଁଚିଛେ ।

ଜିଏସ୍‌ଟି ବିଲ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ନ ଓଡ଼ିଶା ଦରବ୍ ଆଉ ସେବାକର - ସଂଶୋଧନ ବିଲ୍ ୨୦୨୪ ଗୃହିତ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥାପନ୍ କରିଥିବା ଇ ବିଲ୍‌ଥି ୪ ଟା ସଂଶୋଧନ୍ କରାଯାଇଛେ । ବିଲ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଗୁଟ୍‌ଖା, ପାନ୍‌ମସ୍‌ଲା କମ୍ପାନୀଥି ବେଭାର୍ ହଉଥିବା ଯନ୍ତ୍ରପତିର ପଞ୍ଜିକରଣ୍ ଧରାବନ୍ଧା କରାଯାଇଛେ । ସେନ୍ତା ନୂଆଁ ବିଲ୍‌ଥି ଓଜିଏସ୍‌ଟି ନିୟମ୍, ୨୦୧୭ର ସେକ୍ସନ୍-୩କେ ସଂଶୋଧନ୍ କରାଯାଇକରି ମୁଖ୍ୟ କମିଶନର୍ ପଦ୍‌ବୀ ଜୁଡ଼ାଯିବାର୍ ବ୍ୟବସ୍ଥା କରାଯାଇଛେ ।

କ୍ରୀଡ଼ା ବଜେଟ୍- ରାଜ୍ୟ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ୨୦୨୪-୨୫ ଆର୍ଥିକ୍ ବଛ୍ରେ କ୍ରୀଡ଼ା ଆଉ ଯୁବସେବା କ୍ଷେତ୍ର ନ ୧ ହଜାର୍ ୩ ଶହ ୧୫ କୋଟି ଟଙ୍କାର୍ ବଜେଟ୍ ବ୍ୟବସ୍ଥା କରିଛନ୍ । ଗଲା ବରସ୍ ନୁ ଇ ପାଣ୍ଠି ୯୮ କୋଟି ଟଙ୍କା ଅଏତ୍କା ଆଏ । ଭୁବ୍ନେଶ୍ୱର୍ ନ ନୂଆଁ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମ୍ ଆଉ ରାଜ୍ୟର୍ ୪ ଟା ଜୋନ୍ ନ ବିଶ୍ୱସ୍ତରୀୟ କ୍ରୀଡ଼ା ଏକାଡେମୀ, ଜିଲ୍ଲାସ୍ତରୀୟ କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା ଆଉ ମିନି ଷ୍ଟାଡ଼ିୟମ୍ ପ୍ରକଳ୍ପ ଲାଗି ବଜେଟ୍ଥି ବ୍ୟବସ୍ଥା କରାଯାଇଛେ ।

ସୁଭଦ୍ରା ଯୋଜ୍ନା ଆର୍ଏନ୍ୟୁ /ସମ୍ବଲପୁର

ସୁଭଦ୍ରା ଯୋଜ୍ନା ବାବ୍ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ମନ୍ତ୍ରୀମଣ୍ଡଲ୍ର ଗୁଟେ ବୈଠକ୍ ହେଇଥିଲା । ଇ ବୈଠକ୍ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୁଭଦ୍ରା ଯୋଜ୍ନାର୍ ସଫଲ୍ କାର୍ଯ୍ୟାନ୍ୱୟନ୍ ବାବ୍ଦେ ଆଉ ଯୋଜନାର୍ ପ୍ରଚାର୍, ପ୍ରସାର୍ ଆର୍ ଯୋଗାଯୋଗ୍ ବିଷେଥି ଆଲୋଚନା କରିଥିଲେ । ଲୁକ୍କୁ ସଠିକ୍ ସୂଚ୍ନା ଦେବାର୍ ଉପ୍ରେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଥିଲେ ।

ପଣ୍ୟ ପରିବହନ୍-ରେଲ୍‌ବାଇ ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ବତଟ ରେଲ୍‌ବାଇ ତର୍‌ଫୁ ଶହେ ୬୦ ଦିନେ ଶହେ ଦଶ୍‌ମିକ୍ ୪୪ ନିୟୁତ ଟନ୍ ଭିନ୍ ଭିନ୍ ଦରବ୍ ପରିବହନ୍ କରାଯାଇକରି ନୂଆଁ ରେକର୍ଡ଼ ହାସଲ୍ କରାଯାଇଛେ । ଇଟା ଗଲା ଆର୍ଥିକ୍ ବଛ୍‌ରେ ସମାନ୍ ସମିଆଥି ପଣ୍ୟ ଅପସାରଣ୍ ତୁଲ୍‌ନା ନ ୬ ଦଶ୍‌ମିକ୍ ୧/୫ ନିୟୁତ୍ ଟନ୍ ଅଏତ୍‌କା ଆଏ ।

ଟାଟା ପାୱାର୍- ରେମେଡ଼୍ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଦ୍ୟୁତ୍ ବିତରଣ୍ କମ୍ପାନୀ- ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ରେମେଡ଼୍ ଠାନେ ୩୩/୧୧ କେଭି ପାୱାର୍ ସବ୍‌ଷ୍ଟେସନ୍ ଉଦ୍‌ଘାଟନ୍ କରାଯାଇଛେ । ଇ ପାୱାର୍ ସବ୍‌ଷ୍ଟେସନ୍ ଜରିଏ ବୁର୍ଲା, ହୀରାକୁଦ୍, ରେମେଡ଼୍, ଗୋପାଲ୍‌ପାଲି, ଦୁର୍ଗାପାଲି, କ୍ଷେତ୍‌ରାଜ୍‌ପୁର୍, ଲର୍‌ପଙ୍କ୍ ଆଉ ଆଖର୍‌ପାଖର୍ ଇଲାକାର୍ ୨୫ ହଜାର୍ ଉପଭୋକ୍ତା ଉପକୃତ ହେବେ ବଲି ଜନାପଡ଼ିଛେ ।

ଡ୍ରେନେଜ୍ ମାଷ୍ଟର୍ ପ୍ଲାନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ମହାନଗରକେ ବଢ଼ି ମୁକ୍ତ କର୍‌ବାର୍, ପାନି ଜମି ରହେବାର୍ ସମସ୍ୟାର୍ ସମାଧାନ୍ ଆଉ ସହର୍‌ର ଜଳ ନିଷ୍କାସନ୍ ଲାଗି ଡ୍ରେନେଜ୍ ମାଷ୍ଟର୍ ପ୍ଲାନ୍ ତିଆର୍ କରାଯିବା । ଇଥିର୍‌ଲାଗି ନାଗରିକ୍‌ମାନ୍‌କର୍‌ନୁ ମତାମତ୍ ଗ୍ରହଣ୍ କାମ୍ ମୁଲ୍ ହେଇଛେ । ଆଏଜ୍ ୨୨ ନମ୍ବର୍ ୱାର୍ଡ୍‌ର ପରିଚୟ ଗୃହ ଠାନେ ଲୁକ୍‌କର୍ ମତାମତ୍ ନିଆଯିବା । ଆଏବା ୩ ମାସ୍‌ତକ୍ ଇ ପରାମର୍ଶ ଗ୍ରହଣ୍ କାମ୍ ଜାରି ରହେବା ବଲି ନଗର୍ ନିଗମ୍ ତର୍‌ଫୁ କୁହାଯାଇଛେ ।

ବଡ଼ ବର୍ଷା ଅନୁମାନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମିଆଁମାର୍‌ର ମଝାମଝି ଗଲାକାଏଲ୍ ବନିଥିବାର୍ ଘୂର୍ଣ୍ଣିବଳୟର୍ ବଲେ ଆଏବା କାଏଲ୍ ଆଉ ଶନିବାର୍ ଦିନ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଆଗୁଆ ଅନୁମାନ୍ କରାଯାଇଛେ । ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଅନୁଗୁଲ୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ଉତର୍ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଆଏବା ଶନିବାର୍ ଦିନ ବହୁତ୍ ବର୍ଷା ହେବା ।